# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**09 October - 2023**

**News Editor : ITISHREE SINGH RATHAUR**

********************************

## ମୁଖ୍ୟ ସମ୍ବାଦ

- ୫ଟି ରାଜ୍ୟ ପାଇଁ ନିର୍ବାଚନ ତାରିଖ ଘୋଷଣା କଲେ ଭାରତର ନିର୍ବାଚନ ଆୟୋଗ

— ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ହେବ ମତଦାନ

- ରାଜ୍ୟର ୫ଟି ସହରରେ ସମ୍ପୂର୍ଣ୍ଣ ଭାବେ ଏବଂ ୧୩ଟି ସହରର ୧୪୯ଟି ୱାର୍ଡରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନାରେ ୨୪ ଘଣ୍ଟିଆ ଜଳ ଯୋଗାଣ ସୁବିଧାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- 'ଆୟୁଷ୍ମାନ ଭବ' ଅଭିଯାନରେ ୩ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ସୂଚନା ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଏବଂ

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବ୍ୟାପୀ ଅନୁଷ୍ଠିତ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ

*Desk*

# ୫ଟି ରାଜ୍ୟର ନିର୍ବାଚନ ତାରିଖ ଘୋଷଣା

ଭାରତର ନିର୍ବାଚନ ଆୟୋଗ ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଓ ମିଜୋରାମ ରାଜ୍ୟ ପାଇଁ ଆଜି ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଏହା ଅନୁସାରେ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୭ ତାରିଖରେ ଭୋଟ ଗ୍ରହଣ ହେବ । ସେହିଭଳି ନଭେମ୍ବର ୧୭ ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶରେ ନଭେମ୍ବର ୧୭ ରେ ମତଦାନ ହେବାକୁ ଥିବାବେଳେ ରାଜସ୍ଥାନରେ ନଭେମ୍ବର ୨୩ରେ ଓ ତେଲେଙ୍ଗାନାରେ ନଭେମ୍ବର ୩୦ରେ ଭୋଟଗ୍ରହଣ ହେବ । ସମସ୍ତ ୫ଟି ରାଜ୍ୟରେ ୩ ଡିସେମ୍ବରରେ ଭୋଟ୍‌ଗଣତି ହେବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ବିଧାନସଭା ନିର୍ବାଚନ ହୋଇଥିବାରୁ ଏହି ବିଧାନସଭା ନିର୍ବାଚନକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ସେ କହିଛନ୍ତି ନିର୍ବାଚନ କମିଶନ ସେହି ୫ଟି ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ସେ କହିଛନ୍ତି, ନିର୍ବାଚନ ହେବାକୁ ଥିବା ୫ଟି ରାଜ୍ୟରେ ସମୁଦାୟ ୬ଶହ ଅଣାଅଶୀଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି ଏବଂ ମୋଟ ୧୬ କୋଟି ମତଦାତା ରହିଛନ୍ତି।

ସେ କହିଛନ୍ତି, ଜନସାଧାରଣ ନିର୍ବାଚନ ଅନିୟମିତତା ସମ୍ପର୍କରେ ନିର୍ବାଚନ କମିଶନକୁ ଜଣାଇପାରିବେ । ଏଥିପାଇଁ ସେମାନେ **cVigil App** ର ବ୍ୟବହାର କରିପାରିବେ । ପ୍ରତ୍ୟେକ ଅଭିଯୋଗ ଉପରେ ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି ।

***Desk***

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଯୋଜନା ଅଧୀନରେ ଆଉ ୫ଟି ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ଜଳଯୋଗାଣ ସୁବିଧାର ଲୋକାର୍ପଣ କରିଛନ୍ତି । ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର ଏବଂ ନିମାପଡ଼ାରେ ଏହି ସୁବିଧା ଆରମ୍ଭ କରାଯାଇଛି । ଏଥିସହିତ ଅନ୍ୟ ୧୩ଟି ସହରର ୧୪୯ଟି ୱାର୍ଡରେ ମଧ୍ୟ ୨୪ ଘଣ୍ଟିଆ ବିଶୁଦ୍ଧ ଜଳଯୋଗାଣ ସୁବିଧାର ଲୋକାର୍ପଣ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳର ପ୍ରତ୍ୟେକ ବିନ୍ଦୁରେ ଜୀବନ ରହିଛି । ସମସ୍ତଙ୍କୁ ବିଶୁଦ୍ଧ ଜଳଯୋଗାଣ ସରକାରଙ୍କ ଲକ୍ଷ୍ୟ । ବିଶୁଦ୍ଧ ଜଳର ସ୍ୱାସ୍ଥ୍ୟ, ଅର୍ଥନୀତି ସହିତ ଗଭୀର ସମ୍ପର୍କ ରହିଛି ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦ୍ୱାରା ଗରିବ ଓ ଦୁର୍ବଳ ଅର୍ଥନୈତିକ ବର୍ଗର ଲୋକମାନେ ବିଶେଷ ଭାବେ

ଉପକୃତ ହେବେ। ସୂଚନା ଅନୁସାରେ, ଏହି ପଦକ୍ଷେପ ଦ୍ୱାରା ୧୨ ଲକ୍ଷ ୩୦ ହଜାର ଲୋକ ଉପକୃତ ହେବେ।

***Desk***

# ମନସୁଖ ମାଣ୍ଡବୀୟ- ରକ୍ତ ସଂଗ୍ରହ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି, ଦେଶରେ ବର୍ଷକୁ ୯ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରାଯାଏ। ତେବେ 'ଆୟୁଷ୍ମାନ ଭବ' ଅଭିଯାନ ଅଧୀନରେ ଗୋଟିଏ ମାସରୁ କମ୍ ସମୟ ମଧ୍ୟରେ ୩ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ସେ ରକ୍ତଦାତା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁସାରେ, ଗତ ମାସ ୧୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଆୟୁଷ୍ମାନ ଭବ' ଅଭିଯାନର ଶୁଭାରମ୍ଭ କରିଥିଲେ। ସେବା ସପ୍ତାହରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ସ୍ୱାସ୍ଥ୍ୟସେବା ପହଁଞ୍ଚାଇବା ଲକ୍ଷ୍ୟ ରଖାଯାଇଥିଲା। ଏହି ଅଭିଯାନରେ 'ଆୟୁଷ୍ମାନ ଆପଣଙ୍କ ଦ୍ୱାରରେ ୩.୦, ଆୟୁଷ୍ମାନ ସଭା, ଆୟୁଷ୍ମାନ ମେଳା, ଚିକିତ୍ସା ଶିବିର' ଆଦିର ଆୟୋଜନ କରାଯାଇଥିଲା।

***Desk***

# ସ୍ୱଚ୍ଛତା ଅଭିଯାନ ୩.୦

କେନ୍ଦ୍ର ଜନ ଅଭିଯୋଗ ପେନସନ୍, ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ସ୍ୱଚ୍ଛତା ଅଭିଯାନ ୩.୦ର ପ୍ରଥମ ସପ୍ତାହର କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି। ଗତ ୨ ଅକ୍ଟୋବରରୁ ଦେଶର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆରମ୍ଭ ହୋଇଥିବା ଏହି ଅଭିଯାନ

ବିଷୟରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛତା ଅଭିଯାନରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବହୁ ସଂଖ୍ୟାରେ କର୍ମଚାରୀମାନେ ସାମିଲ ହୋଇଛନ୍ତି । ସେ କହିଛନ୍ତି, ହଜାର ହଜାର କର୍ମଚାରୀଙ୍କ ସ୍ୱଚ୍ଛତା ପ୍ରତି ସମର୍ପଣ ଯୋଗୁଁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ଜନ ଆନ୍ଦୋଳନରେ ପରିଣତ ହୋଇଛି । ସୂଚନା ଅନୁସାରେ, ସ୍ୱଚ୍ଛତା ଅଭିଯାନ-୩.୦’ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ ।

***HS***

## ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ତମ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରାଯାଉଛି । ଏହି ଉପଲକ୍ଷେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ସକାଳେ ଭୁବନେଶ୍ୱର ସ୍ଥିତ ୟୁନିଟ୍-୮ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସେ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସୁଆଣ୍ଡୋରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଶିକ୍ଷିତ ସମାଜ ଗଠନ ପାଇଁ ଉତ୍କଳମଣି ଦେଖାଇଥିବା ମାର୍ଗ ତଥା ଲୋକଙ୍କ ସେବା ଓ ଉନ୍ନତି ପାଇଁ ତାଙ୍କ ଜୀବନବ୍ୟାପୀ ସାଧନା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ସେହିଭଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ମହାନ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ତ୍ୟାଗ, ସମର୍ପଣ ଓ ସେବାର ପ୍ରତୀକ। ପୁରୀ ସତ୍ୟବାଦୀଠାରେ ବକୁଳ ବନ ବିଦ୍ୟାଳୟର ପ୍ରତିଷ୍ଠା କରି ସେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଦକ୍ଷତା ବିକାଶର କଳ୍ପନା କରିଥିଲେ। ତାଙ୍କର ବିଚାର ଓ ଆଦର୍ଶ ସବୁଦିନ ପାଇଁ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

***Puri***

# ଗୋପବନ୍ଧୁ ଦାସଙ୍କ ଜୟନ୍ତୀ-୧

ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶ୍ରୀମନ୍ଦିର ନିକଟରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ମାଲ୍ୟାର୍ପଣ କରିଥିଲେ । ସେହିପରି ତାଙ୍କର ଜନ୍ମମାଟି ସୁଆଣ୍ଡୋରେ ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଜନ୍ମ ଉତ୍ସବ ପାଳନ କରାଯାଉଛି ।

***PIB***

# କୁଇ ଓ ଦେଶିଆ ଭାଷା

କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ କୁଇ ଏବଂ ଦେଶିଆ ଭାଷା ଉପରେ କେନ୍ଦ୍ରିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଞ୍ଚଳିକ

ଶିକ୍ଷା ପ୍ରତିଷ୍ଠାନ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୂଚନା ଅନୁସାରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଇ ଓ ଦେଶିଆ ପୁସ୍ତକ ଭୁବନେଶ୍ୱର ଠାରେ ଉନ୍ମୋଚିତ କରିଥିଲେ। ଶିକ୍ଷାକ୍ଷେତ୍ରରେ ଏହି ସ୍ୱଦେଶୀ ଜନଜାତି ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ କହିଥିଲେ।

କୋରାପୁଟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାଥମିକସ୍ତରରେ ଶିକ୍ଷା ପ୍ରଦାନ କରୁଥିବା କୁଇ ଓ ଦେଶିଆ ଭାଷାରେ ଦକ୍ଷ ୬୦ ଜଣ ଉତ୍ସର୍ଗୀକୃତ ଶିକ୍ଷକ  ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷକମାନଙ୍କୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଭାଷା ଉପରେ ଶିକ୍ଷା ଅଭିଜ୍ଞତାକୁ ବୃଦ୍ଧି କରିବା ଏବଂ ଦକ୍ଷତା ପ୍ରଦାନ କରିବା।

***Desk***

## ଦଶମ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷା

ଛାତ୍ରଛାତ୍ରୀଙ୍କ ଲାଗି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ବର୍ଷକୁ ଦୁଇଥର ଦେବା ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପରୀକ୍ଷା ପାଇଁ ବର୍ଷକୁ ମାତ୍ର ଗୋଟିଏ ସୁଯୋଗ ଥିବାରୁ ଛାତ୍ରଛାତ୍ରୀମାନଙ୍କ ଉପରେ ମାନସିକ ଚାପ ପଡୁଥିଲା । ମାନସିକ ଚାପକୁ ଏଡ଼ାଇବା ଲାଗି ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବର୍ଷକୁ ଦୁଇଥର ବୋର୍ଡ଼ ପରୀକ୍ଷା ହେଲେ ଛାତ୍ରଛାତ୍ରୀମାନେ

ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ପାଇବେ। ଦୁଇଟି ବୋର୍ଡ଼ ପରୀକ୍ଷା ମଧ୍ୟରୁ, ଯେଉଁ ପରୀକ୍ଷାରେ ଅଧିକ ନମ୍ବର ଆସିବ, ସେହି ନମ୍ବରକୁ ଗଣନା କରାଯିବ ବୋଲି ସେ କହିଛନ୍ତି।

***Desk***

## ବସ୍ ସେବା 'ଲକ୍ଷ୍ମୀ' ଯୋଜନା

ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ବଣ୍ଡାଘାଟିରୁ ଲୋକେସନ୍ ଏକ୍ସସିବୁଲ ମଲ୍ଟିମୋଡାଲ 'ଲକ୍ଷ୍ମୀ' ଯୋଜନାରେ ବସ୍ ଚଳାଚଳ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଗୁରୁବାର ଏହାର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି। ଏହି ଯୋଜନା ପାଇଁ ବଜେଟ୍‌ରେ ସରକାର ୩ ହଜାର ୧୭୮ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିଭଳି ଗତ ମାସ ୧୫ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଲକ୍ଷ୍ମୀ ଯୋଜନା ପାଇଁ ୩ ହଜାର ୧୭୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସୂଚନା ଅନୁସାରେ, ଏଥିପାଇଁ ସରକାର ନୂଆ ବସ୍ କ୍ରୟ କରିଥିବାବେଳେ ୩୬ଟି ବସ୍ ମାଲକାନଗିରିରେ ପହଁଞ୍ଚିସାରିଛି। ଏହି ଯୋଜନା ଅଧୀନରେ ହଜାରେରୁ ଅଧିକ ବସ୍ ନିୟୋଜିତ କରାଯିବ।

***Desk***

## ସରକାରୀ ପଦ ଖାଲି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚଳିତ ବର୍ଷ ଶେଷସୁଦ୍ଧା ପାଖାପାଖି ୧ ଲକ୍ଷ ୩୦ ହଜାର ପଦ ଖାଲି ପଡ଼ିବ । ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବା ଲାଗି ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜସ୍ୱ, ଗୃହ ଏବଂ

ପଞ୍ଚାୟତିରାଜ ବିଭାଗରେ ଅଧିକ ସଂଖ୍ୟାରେ ପଦ ଖାଲି ପଡ଼ିଛି । ସାଧାରଣ ପ୍ରଶାସନ ବିଭାଗ ସୂଚନା ଅନୁସାରେ ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ବିଭିନ୍ନ ବିଭାଗରେ ପ୍ରାୟ ୧ ଲକ୍ଷ ୧୯ ହଜାର ପଦ ଖାଲି ପଡ଼ିଥିଲା । ସେଥିମଧ୍ୟରୁ ୫୦ ହଜାରରୁ ଅଧିକ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

*Nabarangpur*

## ସଂକଳ୍ପ ସପ୍ତାହ ଉଦ୍‌ଯାପିତ

ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ଆଜି ସଂକଳ୍ପ ସପ୍ତାହ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ସୁପୋଷିତ ପରିବାର, କୃଷି ମହୋତ୍ସବ, ଶିକ୍ଷା ଏକ ସଂକଳ୍ପ, ସ୍ୱଚ୍ଛତା ସଂକଳ୍ପ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*********************************